## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର, ୨୭।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ସାପ କାମୁ ଗୁରୁତର ଥିବା ଜଣେ ଯୁବକଙ୍କ ରବିବାର ଏମକେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ବାଲୁଗାଁ ଥାନା ଅନ୍ତର୍ଗତ ଗୋପିନାଥପୁର ଗ୍ରାମର ଦେବରାଜ ନାୟକଙ୍କ ପୁଅ ରିତେଶ ନାୟକ(୨୩)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ଏସଂକ୍ରାନ୍ତରେ ନଂ.୬୭୨/୨୪ ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାରୁ ପ୍ରକାଶ ଯେ, ରବିବାର ବଢ଼ି ଭୋର ରିତେଶ ଘର ବାରିପାଟକୁ ପରିଶ୍ରା କରିବାକୁ ଯାଇଥିଲେ। ସେଠାରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ ଅଧିକ ଖରାପ ହେବାରୁ ସେଠାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ।

### ଆଜି ରାଜ୍ୟ ବିଦ୍ୟାଳୟ କ୍ରୀଡା ଚାମ୍ପିୟନଶିପ

ବ୍ରହ୍ମପୁର,୨୭।୧୦(ସ୍ୱାଧୀନ ଶେଖର ପାଢ଼ୀ )

୨୮ରୁ ବ୍ରହ୍ମପୁରରେ ରାଜ୍ୟ ବିଦ୍ୟାଳୟ ଭରୋତ୍ତଳନ, ବକ୍ସିଂ ଓ ବାସ୍କେଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୪ ଓ ୧୭ ବର୍ଷରୁ କମ ବୟସ ବର୍ଗର ଏହି କ୍ରୀଡା ପ୍ରତିଯୋଗିତାରେ ବିଭିନ୍ନ ଜିଲାସ୍ତରୀୟ କୃତୀ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ଖେଳାଳିମାନେ ବ୍ରହ୍ମପୁରରେ ପହଁଚିବା ପରେ ଭିଭି ଗିରି ବାଳିକା ଉଚ୍ଚ ବିଦ୍ୟାଳୟରେ ପଞ୍ଜିକରଣ କରିବେ। ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ପ୍ରତିଯୋଗିତା ୨୮ରୁ ଅନୁଷ୍ଠିତ ହେବ।

### ଦୀପାବଳି ପୂର୍ବରୁ ବେଆଇନ ଗଚ୍ଛିତ ଆତସବାଜି ଜବତ

ବ୍ରହ୍ମପୁର,୨୭।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଆଗକୁ ଦୀପାବଳି ଆସୁଛି। ବେଆଇନ ଭାବେ ଆତସବାଜି(ବାଣ) ଗଚ୍ଛିତ ଓ ବିକ୍ରି ଉପରେ କଟକଣା ରହିଥିବା ବେଳେ କେତେକ ମୁନାଫାଖୋର ବ୍ୟବସାୟୀ ଏହି କାରବାର କରୁଥିବା ଜଣାପଡିବା ପରେ ପୋଲିସ ବିଗତ ଦିନରେ ବିଭିନ୍ନ ଥାନା ଇଲକାରୁ ତାହା ଜବତ କରିଛି। ଏହିଧାରାରେ ପୋଲିସ ବ୍ରହ୍ମପୁର ସହରର ଦୁଇ ଥାନା ଅଞ୍ଚଳରୁ ସ ବେଆଇନ ଭାବେ ଗଚ୍ଛିତ କରି ରଖାଯାଇଥିବା ଆତସବାଜି ଜବତ କରିଛି । ବୈଦ୍ୟନାଥପୁର ଥାନା ଏବଂ ବଡବଜାର ଥାନା ଅଞ୍ଚଳରୁ ଏହି ଆତସବାଜି ଜବତ ହୋଇଥିବା ବେଳେ ବେଆଇନ କାରବାରରେ ସଂପୃକ୍ତ ଥିବା ଏକାଧିକ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି । ସୂଚନାପ୍ରକାରେ, ଶନିବାର ରାତିରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ହାଇସ୍କୁଲ ଛକ ନିକଟ ଏକ ଘରେ ବେଆଇନ ଭାବେ ବାଣ ଗଛିତ ଥିବା ନେଇ ପୋଲିସକୁ ଖବର ମିଳିଥିଲା ।ସେହିକ୍ରମରେ ଥାନା ଅଧିକାରୀ ସୁଚିତ୍ରା ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ଚଢଉ କରିଥିଲା। ସେହି ଘରୁ ବିଭିନ୍ନ ପ୍ରକାରର ଆତସବାଜି ଜବତ ହୋଇଥିଲା। ଯାହାର ମୂଲ୍ୟ ଦେଢ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡିଛି । ଅନ୍ୟପକ୍ଷରେ ରବିବାର ସନ୍ଧ୍ୟାରେ ବଡବଜାର ଥାନା ଅନ୍ତର୍ଗତ ଫୁଲସୁନ୍ଦରୀ ସାହି ନିକଟରେ ଥିବା କୁମ୍ଭାର ସାହିର ଏକ ଘରେ ବେଆଇନ ଆତସବାଜି ଗଚ୍ଛିତ କରି ରଖାଯାଇଥିବା ସୂଚନା ମିଳିବା ପରେ ବଡବଜାର ପୋଲିସ ପକ୍ଷରୁ ସେଠାରେ ଚଢଉ କରାଯାଇଥିଲା । ଚଢାଉ ବେଳେ ସେହି ଘରୁ ବିପୁଳ ପରିମାଣର ଆତସବାଜି ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ଅଢେଇ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ଅନୁମାନ କରୁଛି ।। ଏହି ଆତସବାଜି ଗଚ୍ଛିତ କରି ରଖିଥିବା ବ୍ୟକ୍ତିମାନେ ଆତସବାଜି ବିକ୍ରି ଓ ଗଚ୍ଛିତ କରିବା ପାଇଁ କୌଣସି ପ୍ରକାର ଅନୁମତି ନେଇନଥିବା ପୋଲିସ ତଦନ୍ତରୁ ଜଣାପଡିଛି। ଜବତ ବାଣ ଗୁଡିକ ନିଷ୍କ୍ରିୟ କରାଯିବ।

# ନିଜ ସହ ଅନ୍ୟକୁ ବଞ୍ଚାଇବା ଲକ୍ଷ୍ୟରେ ମୀନାକ୍ଷୀ

ବ୍ରହ୍ମପୁର,୨୭।୧୦(ଅଶୋକ କୁମାର ସାହୁ)

ଏବ୍ରହ୍ମପୁର ନିକଟ ଖଜୁରିଆରେ ଏବେ ନୂତନ କରି ମଖାନା ପ୍ରସ୍ତୁତ ହେଉଛି। ରାଜ୍ୟରେ ଏହା ପ୍ରଥମ ବୋଲି କୁହାଯାଉଛି। ମଖାନା ହେଉଛି ଏକ ପଦ୍ମଜାତୀୟ ଜଳଜ ଉଦ୍ଭିଦ। ଏହା ବିଶେଷ କରି ବିହାରରେ ଅଧିକ ଚାଷ ହୁଏ। ବ୍ରହ୍ମପୁର ଖଜୁରିଆରେ ମଖାନା ପ୍ରସ୍ତୁତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଷ୍ଟାର୍ଟଅପରେ ଯୋଡ଼ି ହୋଇଛନ୍ତି ମୀନାକ୍ଷୀ ଦାସ। ଉଚ୍ଚଶିକ୍ଷିତା ହୋଇଥିଲେ ବି ଚାକିରି ପଛରେ ନ ଗୋଡାଇ ନିଜ ସହ ଅନ୍ୟକୁ ବଞ୍ଚାଇବା ଲକ୍ଷ୍ୟରେ ସେ ଏଭଳି ନୂଆ ସାମଗ୍ରୀ ପ୍ରସ୍ତୁତ କରିବାରେ ମନ ବଳାଇଛନ୍ତି। ତାହାକୁ ସଫଳ କରିବା ପାଇଁ ସେ ଚେଷ୍ଟା କରୁଥିବା କହିଛନ୍ତି।

ଭାଗୀରଥି ଦାସ ଓ ପୂର୍ଣ୍ଣମାସୀ ଦାସଙ୍କ ଝିଅ ହେଲେ ମୀନାକ୍ଷୀ । ଗୋଷାଣୀନୂଆଗାଁ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରାଥମିକ ଶିକ୍ଷା ଶେଷ ପରେ ଶଶୀଭୂଷଣ ରଥ ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟରେ ଆଇଏସସି ପାସ କରିବା ପରେ ଆଇସିଏଆର ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିହାର କୃଷି ବିଶ୍ୱବିଦ୍ୟାଳୟରେ ସ୍ଥାନ ପାଇଥିଲେ। ସେଠାରେ କୃଷି ଗବେଷଣା ପାଠ୍ୟକ୍ରମରେ ଡିଗ୍ରୀ ହାସଲ ପରେ ୨୦୨୧ରେ ଅନୁଷ୍ଠିତ ବିଶ୍ୱ କୃଷି ଯୁବ



ମନ୍ତ୍ରୀଙ୍କୁ ଉପହାର ଦେଉଛନ୍ତି ମୀନାକ୍ଷୀ।

- ■ପ୍ରଧାନମନ୍ତ୍ରୀଙ୍କ ଷ୍ଟାର୍ଟଅପରେ ଯୋଡ଼ିହେଲେ ମୀନାକ୍ଷୀ
- ■ରାଜ୍ୟରେ ପ୍ରଥମ କରି ପ୍ରସ୍ତୁତ କଲେ ମଖାନା

ସମ୍ମେଳନରେ ଯୋଗଦେଇଥିଲେ। ସେଠାରେ ୪୮ ଦେଶରୁ ପ୍ରାୟ ୧୦୦ ଜଣ ଯୋଗଦେଇଥିଲେ। ଭାରତର ଯେଉଁ ୬ଜଣ ସ୍ଥାନ ପାଇଥିଲେ ସେଥିରେ ମିନାକ୍ଷୀ ଥିଲେ। ତାଙ୍କ ସାଥୀମାନେ ବ୍ୟବସାୟିକ ଲକ୍ଷ୍ୟରେ ଥିଲେ। ନିଜ ଦେଶକୁ ଯାଇ ସେମାନେ ଯଦି ବ୍ୟବସାୟ କରିପାରିବେ ଭାରତରେ ସେ କାହିଁକି କରିପାରିବେନି ଏଭଳି ଲକ୍ଷ୍ୟ ନେଇ ମିନାକ୍ଷୀ ଆଗକୁ ପାଦ ବଢ଼ାଇଥିଲେ। ୨୦୨୨ରେ ସେ ଗବେଷଣା ପାଠ୍ୟକ୍ରମରେ କୃତକାର୍ଯ୍ୟ ହେବା ପରେ ଚାକିରି ପ୍ରତି ଆଉ ମନବଳାଇ ନ ଥିଲେ। ବିହାରର କୋସି ନଦୀ ପାଖରେ ମଖାନା ପ୍ରସ୍ତୁତ ହୁଏ। ବିଶ୍ୱର ପ୍ରାୟ ୮୫ ପ୍ରତିଶତ ମଖାନା ସେଠାରେ ହୁଏ। ସ୍ୱାସ୍ଥ୍ୟକର ଶୃଙ୍ଖଳା ଖାଦ୍ୟ ମଖାନା ସମ୍ପର୍କରେ ଓଡ଼ିଶା କାହିଁକି ଦକ୍ଷିଣ ଭାରତର ଲୋକେ ଏହା ବିଷୟରେ ଜାଣିନାହାନ୍ତି ବୋଲି ମିନାକ୍ଷୀ ଦାବି କରନ୍ତି। ଯେମିତି ଡ୍ରାଗନ ଫ୍ରୁଟ ବିଷୟରେ ଲୋକେ ଜାଣି ନ ଥିଲେ, ସେହିପରି ମଖାନା ବିଷୟରେ ବି ଅନେକ ଲୋକ ଜାଣିନାହାନ୍ତି। ପ୍ରଥମେ ୨୦୨୩ରେ ୫ ହଜାର ଟଙ୍କାରେ ଏହି ବ୍ୟବସାୟ ଆରମ୍ଭ ହୋଇଥିଲା। ପରେ ୧୦ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଷ୍ଟାର୍ଟଅପ ଯୋଜନାରେ ପିଏମଇଜିପିରୁ ୪୦ ଲକ୍ଷ ଟଙ୍କା ଋଣ ଆଣି ମେସିନେରୀ କିଣାଯାଇଛି। ଏଥିରୁ ୧୪ ଲକ୍ଷ ଟଙ୍କା ସବସିଡି ମିଳିବ। ବର୍ତ୍ତମାନ ଗାଁର ଏକ ସ୍ୱୟଂ ସହାୟିକା ଗୋଷ୍ଠୀର ୮ଜଣ ମହିଳା ମାର୍କେଟିଂ ଓ ପ୍ରଡକ୍ସନରେ କାମ କରୁଛନ୍ତି। ଇଲେଟ ବୋଲି ଏହି କେନ୍ଦ୍ରର ନାମ ରଖାଯାଇଛି। ଏହାକୁ ରବିବାର ଶିଳ୍ପ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉଦଘାଟନ କରିଛନ୍ତି। ଆଗାମୀ ଦିନରେ ୨୭ଜଣ କର୍ମଚାରୀ ଏହି କେନ୍ଦ୍ରରେ କାର୍ଯ୍ୟ କରିବେ। ସେମାନେ ଆତ୍ମନିର୍ଭରଶୀଳ ହୋଇପାରିବେ। ଏଠାରେ ରୋଷ୍ଟେଡ ମଖାନା, ଫ୍ଲେଭରଡ କାଜୁ, ବାଦାମ, କିସମିସ, ଇଣ୍ଡିଆନ ସ୍ନାକ୍ସ ମାଣ୍ଡିଆ ନିମକି, କଚୋଡି ସହିତ ଛତୁଆ ତିଆରି ହେଉଛି। ଛତୁଆ ବିଷୟରେ ଦକ୍ଷିଣ ଭାରତର ଲୋକେ ଜାଣିନାହାନ୍ତି। ଏହାକୁ ଜାତୀୟକରଣ କରିବା ଲକ୍ଷ୍ୟ ରହିଛି। ଓଡ଼ିଶାରୁ ଉତ୍ପାଦିତ ସାମଗ୍ରୀକୁ ଜାତୀୟ ସ୍ତରକୁ ନେବା ଲକ୍ଷ୍ୟ ରଖି କାର୍ଯ୍ୟ କରାଯାଉଛି ବୋଲି ସେ କହିଛନ୍ତି। ତାଙ୍କ ଭଳି ଅନ୍ୟ ସମସ୍ତେ ଚାକିରି ପଛରେ ନ ଗୋଡାଇ ନିଜ ଜ୍ଞାନକୁ ବିନିଯୋଗ କରି ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟକୁ ଆତ୍ମନିର୍ଭରଶୀଳ କରାଇବା ପାଇଁ ଯୁବପିଢ଼ିଙ୍କୁ ତାଙ୍କର ପ୍ରେରଣା ବୋଲି ମିନାକ୍ଷୀ କହିଛନ୍ତି।

# ପୁସ୍ତକ ମେଳା ପାଇଁ ବିଭିନ୍ନ ପ୍ରତିଯୋଗିତା



କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା।

ବ୍ରହ୍ମପୁର,୨୭।୧୦(ସ୍ମୃତି ରଞ୍ଜନ ମହାଲିକ)

ଖଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ଆସନ୍ତା ୧ ତାରିଖଠାରୁ ଅନୁଷ୍ଠିତ ହେବାକୁ ଥିବା ୧୧ତମ ମହାନଗର ପୁସ୍ତକ ମେଳା ନେଇ ରବିବାର ଜିଲା ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ୩୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ଜ୍ୟୋତିର୍ମୟୀ ପାଢ଼ି ୧ମ, ଆଦିତ୍ୟ କୁମାର ସାହୁ ଓ ସୁମେଧା ରାଣୀ ସାହୁ ଯୁଗ୍ମ ଦ୍ୱିତୀୟ, ପି ରେତିକା, ସାଗରିକା ପାଣିଗ୍ରାହୀ ଯୁଗ୍ମ ତୃତୀୟ ହୋଇଥିଲେ। ସେହିପରି କନିଷ୍ଠ ବିଭାଗରେ ଅନନ୍ୟା ମିଶ୍ର ପ୍ରଥମ, ସୁଶ୍ରୀ ସାନଭି ଦ୍ୱିତୀୟ ଓ ଦୀପିକା କୁମାରୀ ସାହୁ ତୃତୀୟ ହୋଇଛନ୍ତି। ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ଯୁବରାଜ ପାଢ଼ି ପ୍ରଥମ, ଅର୍ପିତା ଆଚାର୍ଯ୍ୟ ଦ୍ୱିତୀୟ, ଆକାଶ କୁମାର ପାଣିଗ୍ରାହୀ, ଅର୍ଚ୍ଚିତା ଆଚାର୍ଯ୍ୟ, ପ୍ରୀତିରାଣ ଭୂୟାଁ ତୃତୀୟ ହୋଇଥିଲେ। କନିଷ୍ଠ ବିଭାଗରେ ବି ଋଷିକେଶ ପ୍ରଥମ, ଧାନଲଗ୍ନା ପାଣିଗ୍ରାହୀ ଦ୍ୱିତୀୟ ଓ ଅଂଶୁମାନ ତୃତୀୟ ହୋଇଛନ୍ତି। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ପୁସ୍ତକ ମେଳାର ସଭାନେତ୍ରୀ ଦୀପ୍ତିମିତା ମହାପାତ୍ର ପରିଚାଳନା କରିଥିଲେ। ନିହାର ରଞ୍ଜନ ଦାଶ, ବି ସତ୍ତମ ଆଚାରୀ, ପ୍ରଫୁଲ୍ଲ କୁମାର ଦାଶ ଓ ପ୍ରଫୁଲ୍ଲ କୁମାର ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

# ଏମ୍‌କେସିଜିରେ ବର୍ନ କେୟାର୍ ୟୁନିଟ ହୋଇପାରୁନି

ବ୍ରହ୍ମପୁର,୨୭।୧୦(ସୁବାସ ଚନ୍ଦ୍ର ପାଢ଼ୀ)

**ପୋଡ଼ିହୋଇ ଆସୁଥିବା ରୋଗୀ, ସମ୍ପର୍କୀୟ ହୀନସ୍ତା**

ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମ୍‌କେସିଜି) ମେଡିକାଲ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଦକ୍ଷିଣ ଓ ଏକମାତ୍ର ସରକାରୀ ରେଫରାଲ ହସ୍ପିଟାଲ। ଏଠାକୁ ଗଞ୍ଜାମ ଜିଲା ସମେତ ଦକ୍ଷିଣ ଓ ବିଭିନ୍ନ ଜିଲାରୁ ରୋଗୀ ରେଫର୍ ହୋଇ ଆସିଥାନ୍ତି। ସେହିପରି ପଡୋଶୀ ଆନ୍ଧ୍ର ସୀମାନ୍ତ ଅଞ୍ଚଳରେ ରହୁଥିବା ଲୋକମାନେ ମଧ୍ୟ ଚିକିତ୍ସାସେବା କ୍ଷେତ୍ରରେ ଏମକେସିଜି ଉପରେ ନିର୍ଭର କରିଥାନ୍ତି। ଏମ୍‌କେସିଜି ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ମାଳମାଳ କୋଠା ତିଆରି କରାଯାଉଛି।

ସୁପରସ୍ପେଶାଲିଟି ସେବା ଉପଲବ୍ଧ କରାଯାଇଛି। କିନ୍ତୁ ଅତ୍ୟନ୍ତ ଜରୁରୀ ବର୍ନ କେୟାର୍ ୟୁନିଟ ପର୍ଯ୍ୟନ୍ତ ପ୍ରତିଷ୍ଠା ହୋଇପାରିନାହିଁ। ବିଗତ ଦିନରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏମେକେସିଜି ଗସ୍ତରେ ଆସିଥିବା ବେଳେ ବିଭିନ୍ନ ଦିଗକୁ ନେଇ ସମୀକ୍ଷା କରିଥିଲେ। ଏହି ସମୟରେ ବର୍ନ କେୟାର୍ ୟୁନିଟ କଥା ମଧ୍ୟ ଉଠିଥିଲା। ଜନସାଧାରଣଙ୍କ ସୁବିଧା ପାଇଁ ରାଜ୍ୟ ସରକାର ତୁରନ୍ତ ଏଠାରେ ବର୍ନ କେୟାର୍ ୟୁନିଟ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ମଧ୍ୟ ବର୍ନ କେୟାର୍ ୟୁନିଟ ସ୍ୱପ୍ନ ହୋଇ ରହିଛି। ଏହି ୟୁନିଟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ତରଫରୁ




କୌଣସି ଉଦ୍ୟମ ଆରମ୍ଭ ହୋଇନାହିଁ। ଏମ୍‌କେସିଜିକୁ ବିଭିନ୍ନ ପ୍ରକାର ରୋଗୀ ଆସୁଛନ୍ତି। କେଉଁସି ଆକସ୍ମିକ ଦୁର୍ଘଟଣା କିମ୍ବା ଅଗ୍ନିକାଣ୍ଡରେ ପୋଡ଼ି ଗୁରୁତର ହେଉଥିବା ରୋଗୀଙ୍କୁ ଅଧିକ ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଉଛି। ହେଲେ ସେମାନଙ୍କ ଚିକିତ୍ସା ପାଇଁ ବର୍ନ କେୟାର୍ ୟୁନିଟ ନାହିଁ। ଏଣୁ କାଜୁଆଲ୍ଟିରେ ପ୍ରାଥମିକ ଚିକିତ୍ସା କରି ରୋଗୀଙ୍କୁ ସାଧାରଣ ୱାର୍ଡରେ ଭର୍ତ୍ତି କରାଯାଇଥାଏ। ରୋଗୀଙ୍କ ଶରୀର ଯଦି ୩୦ ପ୍ରତିଶତରୁ ଅଧିକ ପୋଡ଼ି ଥାଏ ତେବେ ତାଙ୍କୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରି ଦିଆଯାଇଥାଏ। ସାଧାରଣତଃ ଏମ୍‌କେସିଜି ମେଡିକାଲକୁ ମାସକୁ ପ୍ରାୟ ୨୫/୩୦ ପୋଡି ହୋଇ ଗୁରୁତର ରୋଗୀ ଆସୁଛନ୍ତି। ତନ୍ମଧ୍ୟରୁ ପ୍ରାୟ ୫୦ ପ୍ରତିଶତଙ୍କ ଅବସ୍ଥା ଗୁରୁତର ରହୁଛି। ଭାଗ୍ୟରେ ଥିଲେ ସେମାନେ ବଞ୍ଚୁଛନ୍ତି, ନହେଲେ ଛଟପଟ ହୋଇ ସେମାନଙ୍କ ଜୀବନ ଯାଉଛି। ଏମକେସିଜି ମେଡିକାଲରେ ବର୍ନ କେୟାର୍ ୟୁନିଟ ପ୍ରତିଷ୍ଠା କରିବା ପାଇଁ ମାନବ ଅଧିକାର କର୍ମୀ ରବୀନ୍ଦ୍ର କୁମାର ମିଶ୍ର ଜାତୀୟ ମାନବ ଅଧିକାର କମିଶନ (ଏନଏଚଆରସି)ରେ ମଧ୍ୟ ପିଟଶନ ରୁଜୁ କରି ସାରିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏ ସମ୍ପର୍କରେ ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଚିତ୍ରା ଦାଶ କହନ୍ତି, ବର୍ନ କେୟାର୍ ୟୁନିଟ ପାଇଁ ବାରମ୍ବାର ସରକାରଙ୍କୁ ଲିଖିତ ଆକାରରେ ଜଣାଇ ଦିଆଯାଇଛି। ରାଜ୍ୟ ସରକାରଙ୍କ ତରଫରୁ ବର୍ତ୍ତମାନ ସୁଦ୍ଧା ଏ ନେଇ କେଉଁସି ନିର୍ଦ୍ଦେଶ ଆସି ନାହିଁ। ବିଭାଗୀୟ ନିର୍ଦ୍ଦେଶ ଆସିବା ପରେ ଜାଗା ଚିହ୍ନଟ କରି କୋଠା ନିର୍ମାଣ କରାଯିବ। ଏହା ପରେ ଆବଶ୍ୟକ ଅନୁସାରେ ଷ୍ଟାଫ ନିଯୁକ୍ତି ହେବେ ବୋଲି ସେ କହିଛନ୍ତି।

# ଦେଢ଼ମାସ ହେଲା ନାବାଳିକା ନିଖୋଜ

ବ୍ରହ୍ମପୁର,୨୭।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ଲକ୍ଷ୍ମୀନୃସିଂହ ସାହି ଅଞ୍ଚଳରୁ ଦେଢମାସ ହେବ ଜଣେ ନାବାଳିକା ନିଖୋଜ ହୋଇଯାଇଛନ୍ତି। ତାଙ୍କର ପତ୍ତା ମିଳୁନାହିଁ। ଗତ ମାସ ୧୩ ତାରିଖ ରାତିରେ ନାବାଳିକା ଜଣଙ୍କ ନିଜ ପରିବାର ଲୋକଙ୍କ ସହ ଶୋଇଥିଲେ। ସକାଳୁ ପରିବାର ଲୋକେ ଉଠିବା ବେଳେ ସେ ନଥିବା ଦେଖି ସାହି ପଡୋଶୀଙ୍କୁ ପଚରାଉଚରା କରିଥିଲେ। ଖୋଜାଖୋଜି କରି ନପାଇବାରୁ ବଡବଜାର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଉକ୍ତ ନାବାଳିକା ଜଣଙ୍କ ଦଶମ ପାସ କରିଥିବା ବେଳେ ତାଙ୍କ ବୟସ ୧୬ ବର୍ଷ ବୋଲି ପରିବାର ଲୋକେ ପୋଲିସକୁ ସୂଚନା ଦେଇଛନ୍ତି। ନାବାଳିକାଙ୍କୁ ତାଙ୍କ ଅଞ୍ଚଳର ଜଣେ ଯୁବକ ଅପହରଣ କରି ନେଇଯାଇଥିବା ନେଇ ସନ୍ଦେହ କରି ପରିବାର ଲୋକେ ପୋଲିସକୁ ସୂଚନା ଦେଇଛନ୍ତି। ତାହାକୁ ଆଧାର କରି ପୋଲିସ ସଂପୃକ୍ତ ଯୁବକ ଓ ନାବାଳିକାଙ୍କ ମୋବାଇଲ ଟ୍ରାକିଂ କରି ସେମାନଙ୍କୁ ଠାବ କରିବାକୁ ଚେଷ୍ଟା ଜାରି ରଖିଛି ।

# ଉପନ୍ୟାସ ବସୁଧା ଲୋକାର୍ପଣ ଉତ୍ସବ



ଅତିଥି ଉପନ୍ୟାସ ଲୋକାର୍ପଣ କରୁଛନ୍ତି।

ବ୍ରହ୍ମପୁର,୨୭।୧୦(ସ୍ମୃତି ରଞ୍ଜନ ମହାଲିକ)

କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ରବିବାର ଉତ୍କଳ ଆଶ୍ରମ ସଭା ଗୃହରେ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜର ସଭାପତି ଡ ସିଦ୍ଧାର୍ଥ ଶଙ୍କର ପାଢ଼ି ପୌରହିତ୍ୟ କରିଥିଲେ। ଏଥିରେ ମୁଖ୍ୟଅତିଥି ରୂପେ ଗବେଷକ ଡ ଲମ୍ବୋଦର ପାଣିଗ୍ରାହୀ, ସମ୍ମାନିତ ଅତିଥି ବିଶିଷ୍ଟ ନାଟ୍ୟକାର ମେଜର ରମାରମଣ ପାଢ଼ି ଓ ମୁଖ୍ୟବକ୍ତା ରୂପେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଂଚଳ ଉପସଚିବ ଡ କୁଳମଣି ଓଝା ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ ସାହିତ୍ୟିକା ସ୍ୱର୍ଣ୍ଣପ୍ରଭା ପାଢ଼ିଙ୍କ ରଚିତ ଅଷ୍ଟମ ଉପନ୍ୟାସ ବସୁଧା ଅତିଥିଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା। ମୁଖ୍ୟ ବକ୍ତା ଉପନ୍ୟାସ ବସୁଧାର ଭାବପକ୍ଷ ଓ କଳାପକ୍ଷ ସଂପର୍କରେ ଆଲୋଚନା କରିଥିଲେ। ଉପସଭାପତି ଡ ବନମାଳୀ ପାଣିଗ୍ରାହୀ ଉପନ୍ୟାସର ସଂକ୍ଷିପ୍ତ ସମୀକ୍ଷା କରିଥିଲେ। ଡ ହୃଷୀକେଶ ପଣ୍ଡାଙ୍କ ସଂଯୋଜନାରେ ସଂଚାଳିତ ଲୋକାର୍ପଣ ଉତ୍ସବକୁ ମନୋରଞ୍ଜନ ପାଣିଗ୍ରାହୀ, ଅନୁପ କୁମାର ମିଶ୍ର ଓ ନଳିନୀକାନ୍ତ ଗୌଡ ପରିଚାଳନା କରିଥିଲେ। ଉତ୍କଳ ସମ୍ମିଳନୀ ଜିଲା ଶାଖା ସଭାପତି ଡ ସୁବ୍ରତ କୁମାର ସାହୁ, ଡ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସୁଶାନ୍ତ କର, ଡ ହରିକୃଷ୍ଣ ନାୟକ, ଡା ସାଗର ରଞ୍ଜନ ତ୍ରିପାଠୀ, ଇଂ ପ୍ରଫୁଲ୍ଲ କୁମାର ତ୍ରିପାଠୀ ଓ ଚନ୍ଦ୍ରଶେଖର ମହାପାତ୍ର ପ୍ରମୁଖ ଯୋଗ ଦେଇ ପାଠକାର୍ପିତ ଉପନ୍ୟାସ ଉପରେ ମତ ରଖିଥିଲେ। ସଂଗଠନ ସଂପାଦକ ଦୀନବନ୍ଧୁ ଶ୍ରୀପଲବ ଧନ୍ୟବାଦ ଦେଇଥିଲେ।

# ମହିଳାଙ୍କ ବେକରୁ ସୁନା ଚେନ ଲୁଟ ଘଟଣା: ଦୁଇ ସପ୍ତାହ ପରେ ବି ମିଳୁନି ସୁରାକ

ବ୍ରହ୍ମପୁର,୨୭।୧୦ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଖୋଡାସିଂ ନିକଟ କଳିଙ୍ଗନଗର ଠାରେ ଜଣେ ମହିଳାଙ୍କ ବେକରୁ ଦୁଇ ଭରିରୁ ଅଧିକ ସୁନା ଚେନ ଲୁଟ ହୋଇଥିଲା। ଦୁଇଜଣ ଲୁଟେରା ତାଙ୍କୁ ଧକ୍କା ମାରି ସୁନା ହାର ଝାମ୍ପି ନେଇଥିଲେ ବୋଲି ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଅଞ୍ଚଳରେ ଖଞ୍ଜାଯାଇଥିବା କେତେକ ସିସି କ୍ୟାମେରାରୁ ଫୁଟେଜ ସଂଗ୍ରହ କରିଥିଲା। ଘଟଣାର ଦୁଇ ସପ୍ତାହ ବିତିଯାଇଥିଲେ ସୁଦ୍ଧା ଲୁଟିଆ ଗ୍ୟାଙ୍ଗକୁ ଠାବ କରିପାରୁନି ପୋଲିସ। କଳିଙ୍ଗନଗରରେ ରହୁଥିବା ପ୍ରମୋଦ ଚନ୍ଦ୍ର ପ୍ରଧାନ ଓ ତାଙ୍କ ସ୍ତ୍ରୀ ଗତ ୯ତାରିଖ ସନ୍ଧ୍ୟା ଘର ଠାରୁ କିଛି ଦୂରରେ ଭ୍ରମଣ କରୁଥିଲେ । ସେମାନେ ରାସ୍ତା କଡରେ ଚାଲି ଯାଉଥିବା ବେଳେ ପଛପଟୁ ଏକ ବାଇକରୁ ୨ ଦୁର୍ବୃତ୍ତ ହଠାତ ଆସି ପ୍ରମୋଦଙ୍କ ସ୍ତ୍ରୀ ବେକରୁ ୨୫ ଗ୍ରାମ ଓଜନର ସୁନା ଚେନଟି ଝାମ୍ପି ନେଇଯାଇଥିଲେ। ପ୍ରମୋଦଙ୍କ ହାତ ଭାଙ୍ଗି ଯାଇଥିବାରୁ ସେ ପ୍ରତିରୋଧ କରିପାରିନଥିଲେ । ଚେନ ଲୁଟ କରିବା ପରେ ଦୁର୍ବୃତ୍ତମାନେ ଖୋଡାସିଂ ଜାତୀୟ ରାଜପଥ ଦେଇ ଫେରାର ହୋଇଯାଇଥିଲେ । ଅଭିଯୋଗ ପରେ ପୋଲିସ ନଂ.୪୫୯/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରୁଥିବା କହିଛି।

# ପୂର୍ବ ଶତ୍ରୁତାରୁ ହୋଇଥିଲା ବୋମାମାଡ଼, ସମସ୍ତ ଅଭିଯୁକ୍ତ ଫେରାର

ଦିଗପହଣ୍ଡି,୨୭।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସହରରେ ଘଟିଥିବା ବୋମାମାଡ ଘଟଣା ପୂର୍ବ ଶତ୍ରୁତାକୁ ନେଇ ଘଟିଥିବା ଥାନା ଆଇଆଇସି ପ୍ରଶାନ୍ତ ପାତ୍ର କହିଛନ୍ତି। କୁଶପଡ଼ା ଗ୍ରାମର ଗାଡ଼ିଚାଳକ ଶତ୍ରୁଘ୍ନ ସେଠୀ ଶନିବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ବାଇକ୍ ଯୋଗେ କଲ୍ୟାଣପୁର ଗାଁରୁ ଦିଗପହଣ୍ଡି ଫେରୁଥିବା ବେଳେ ପଦ୍ମନାଭପୁର ଗାଁ ଶନି ମନ୍ଦିର ନିକଟରେ ପଦ୍ମନାଭପୁର ଗାଁର ଜଗା ସେଠୀ, ବଳିଆ ସେଠୀ ଏବଂ ଚନ୍ଦନ ସେଠୀ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ବୋମା ମାଡ଼ କରିଥିଲେ। ସେ କୌଶଳକ୍ରମେ ଖସି ଆସି ଦିଗପହଣ୍ଡି ମେନରୋଡ଼ରେ ଥିବା ଏକ ଘରୋଇ ଫାଇନାନ୍ସ କାର୍ଯ୍ୟାଳୟ ସମ୍ମୁଖରେ ଠିଆ ହୋଇଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ପିଛା କରି ଏକ ବୁଲେଟରେ ଆସି ପୁଣି ତାଙ୍କୁ ଲକ୍ଷ୍ୟ କରି ଲଗାତାର ୨ଟି ବୋମା ମାଡ଼ କରିଥିଲେ। ସେ ଦୌଡ଼ି ପଳାଇବାରୁ ଅଳ୍ପକେ ମରଣମୁହଁରୁ ବର୍ତ୍ତି ଯାଇଥିଲେ। ପ୍ରାୟ ୪ ମାସ ତଳେ ଶତ୍ରୁଘ୍ନଙ୍କ ସହ ସେମାନଙ୍କର ବଚସା ହେବା ସହ ଧସ୍ତାଧସ୍ତି ହୋଇଥିଲା। ଏକ ଗଣ୍ଡଗୋଳ ମାମଲାରେ ଗିରଫ ହୋଇଥିବା ଜଗା କିଛିଦିନ ତଳେ ଜେଲରୁ ଜାମିନରେ ମୁକୁଳିଥିଲେ। ଜଗା ହିଁ ତାଙ୍କୁ ବୋମାମାଡ କରିଥିବା ଶତ୍ରୁଘ୍ନ ପୋଲିସକୁ କହିଛନ୍ତି। ବୋମାମାଡ଼ ଖବରପାଇ ବ୍ରହ୍ମପୁର ଏସପି ଡ଼. ସର୍ବଣା.ଏମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଥାନାରେ ଆଇନଶୃଙ୍ଖଳା ସମୀକ୍ଷା କରି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଶତ୍ରୁଘ୍ନ ଏତଲା ଦେବାପରେ ନଂ.୪୨୦/୨୪ ଅନୁଯାୟୀ ଅଭିଯୁକ୍ତମାନଙ୍କ ନାଁରେ ମାମଲା ରୁଜୁ କରାଯାଇଛି। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୋଫିଆ ମିଶ୍ର ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢାଉ କରିଥିଲେ ମଧ୍ୟ ସେମାନେ ଫେରାର ଥିବା ଜଣାପଡିଛି।

# ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ

ବ୍ରହ୍ମପୁର,୨୭।୧୦(ସ୍ୱାଧୀନ ଶେଖର ପାଢ଼ୀ )

ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟର ଓ ଭାଷା ସାହିତ୍ୟ ବିଭାଗ ପକ୍ଷରୁ କବି ସୂର୍ଯ୍ୟ ବଳଦେବ ରଥଙ୍କ କୃତି ଓ କୃତିତ୍ୱ ଶୀର୍ଷକରେ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଶାନ୍ତନୁ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟକ ନାଥ ପାଣିଗ୍ରାହି ମୁଖ୍ୟବକ୍ତା ରୂପେ ଯୋଗ ଦେଇ ବଳଦେବ ରଥଙ୍କ ଅସାଧାରଣ ସାହିତ୍ୟ କୃତି,ସାଧନା ବିଷୟରେ ଆଲୋକପାତ କରିଥିଲେ।




ବକ୍ତୃତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ତେଲୁଗୁ ଭାଷା ସାହିତ୍ୟ ବିଭାଗର ମୁଖ୍ୟ କୁଲୁରୁ ନାରାୟଣ ରାଓ ବଳଦେବ ରଥଙ୍କ ସୃଷ୍ଟି ସମ୍ଭାର ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର କୁରେଶ ମହାରଣା,ନିବେଦିତା ପାଢ଼ୀ,ସନ୍ତୋଷ କୁମାର ସାହୁ ସମେତ ସମସ୍ତ ବିଭାଗର ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ଟ୍ରାଫିକ୍ ବ୍ୟବସ୍ଥା ସଜାଡିବାକୁ ସହରୀ ହାଟ ନିର୍ମାଣ ଦାବି

ବ୍ରହ୍ମପୁର,୨୭।୧୦(ସ୍ମୃତି ରଞ୍ଜନ ମହାଲିକ)

ଟ୍ରାଫିକ ବ୍ୟବସ୍ଥାକୁ ସଜାଡିବା ନିମନ୍ତେ ସହରୀ ହାଟ ନିର୍ମାଣ ସହ ଏକ ସୁଚିନ୍ତିତ ଅଭିନବ ଥଇଥାନ ଯୋଜନା ପ୍ରଣୟନ କରାଯିବ ପାଇଁ ସହରତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଦାବି କରିଛି। ଏ ନେଇ କମିଟି ପକ୍ଷରୁ ଗଞ୍ଜାମ ଜିଲାପାଳ, ବ୍ରହ୍ମପୁର ଉପଜିଲାପାଳ, ଆରକ୍ଷୀ ଅଧିକ୍ଷକ ଓ ବିଏମସି କମିଶନରଙ୍କୁ ଇ ମେଇଲ ଜରିଆରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ରରେ ଉଲେଖ ରହିଛି ଯେ, ବିଏମସି ପକ୍ଷରୁ ବର୍ତ୍ତମାନ ସହରର ରାସ୍ତା କଡର ବ୍ୟବସାୟୀ ଓ ଠେଲା ଗାଡି ବ୍ୟବସାୟୀଙ୍କୁ ପର୍ଯ୍ୟାୟ କ୍ରମେ ଉଚ୍ଛେଦ କରି ଟ୍ରାଫିକ ବ୍ୟବସ୍ଥାକୁ ସୁଗମ କରିବାର ପ୍ରଚେଷ୍ଟା ଆରମ୍ଭ କରାଯାଇଛି। କିନ୍ତୁ ଏହି ସମସ୍ୟାକୁ ସମାଧାନ କରିବାକୁ ଗଲା ବେଳେ ଜୀବନ ଜୀବିକା ଭଳି ଏକ ସ୍ପର୍ଶକାତର ଓ ସମ୍ବେଦନଶୀଳ ଘଟଣା ସମ୍ମୁଖକୁ ଆସିଛି। ତାହାକୁ ମଧ୍ୟ ଜିଲା ପ୍ରଶାସନ ଓ ବିଏମସିକୁ ସମ ପରିମାଣର ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଏଥିପାଇଁ ସ୍ୱଳ୍ପ କାଳୀନ ଜରୁରୀ ପଦକ୍ଷେପ ସହ ଦୀର୍ଘ କାଳୀନ ସବୁ ଦିନିଆ ବାସ୍ତବ ସମାଧାନର ଉପାୟ ଅବଲମ୍ବନ କରିବାକୁ ପଡିବ। ପ୍ରଥମରେ ରାସ୍ତା କଡ ବ୍ୟବସାୟୀ, ବୁଲା ବିକାଳି ଓ ଠେଲା ଗାଡି ବ୍ୟବସାୟୀଙ୍କୁ ଚିହ୍ନଟ କରି ପଞ୍ଜିକରଣ କରି ପରିଚୟ ପତ୍ର ନିଗମ ଦ୍ୱାରା ପ୍ରଦାନ, ବ୍ୟବସାୟ ନିମନ୍ତେ ଉତ୍ତମ ବାତାବରଣ, ଆର୍ଥିକ ଅନ୍ତର୍ଭୁକ୍ତ କରଣ ମାଧ୍ୟମରେ ବ୍ୟାଙ୍କର ପରିଧି ଓ ସଂପର୍କକୁ ଅଣାଯାଉ, ବ୍ୟବସାୟର ସୁରକ୍ଷା ଓ ଅଭିବୃଦ୍ଧି ନିମନ୍ତେ ବ୍ୟାଙ୍କ ଦ୍ୱାରା ସ୍ୱଳ୍ପ ଏବଂ ଦୀର୍ଘ ମିଆଦି ଋଣ ପ୍ରଦାନ ସୁନିଶ୍ଚିତ କରାଯିବାକୁ ଦାବି ହୋଇଛି। ଏଥିସହ ସହରର ବିଭିନ୍ନ ପ୍ରମୁଖ ବାଣିଜିକ କେନ୍ଦ୍ର ଓ ସ୍ଥଳ ନିକଟରେ ସହରୀ ହାଟ ନନିର୍ମାଣ କରାଯାଇ ୧୦୦ ବ୍ୟବସାୟୀ ବସିବା ନିମନ୍ତେ ପିଣ୍ଡି ନିର୍ମାଣ କରାଯାଉ। ହାଟରେ ଗୋଦାମ ଗୃହ, ଶୌଚାଳୟ, ପାନୀୟ ଜଳ ସାଙ୍ଗକୁ ଇଣ୍ଟରନେଟର ସୁବିଧା କରାଯାଉ। ହାଟର ପରିଚାଳନା ଓ ରାଜସ୍ୱ ସଂଗ୍ରହ ପାଇଁ ନିଗମ ପକ୍ଷରୁ ଜଣେ କର୍ମଚାରୀଙ୍କୁ ନିୟୋଜିତ କରାଯିବାକୁ ପରାମର୍ଶ ଦିଆଯାଇଛି। ଏଭଳି ବ୍ୟବସ୍ଥା ଦ୍ୱାରା ଟ୍ରାଫିକ ସମସ୍ୟା ସହ ଜୀବନ ଜୀବିକା ପ୍ରସଙ୍ଗ ମଧ୍ୟ କିଛି ମାତ୍ରାରେ ସମାଧାନ ହୋଇପାରିବ ବୋଲି କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି।

## ସଂକ୍ଷେପରେ

### ପାହାଡ଼ରୁ ଖସି ବୃଦ୍ଧଙ୍କ ମୃତ୍ୟୁ

ମୋହନା,୨୭।୧୦(ମନ୍ମଥ ମିଶ୍ର)

ପାହାଡ଼ରୁ ଉପରୁ ଖସି ଜଣେ ବୃଦ୍ଧଙ୍କ ରବିବାର ମୃତ୍ୟୁ ହୋଇଛି। ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ବାଡେଗୁଡା ପଞ୍ଚାୟତ ବୁରିଗୁଡ଼ା ଗାଁରେ ଏପରି ଅଭାବନୀୟ ଘଟଣା ଘଟିଛି। ଗାଁର ଦେବେନ୍ଦ୍ର ମଲ୍ଲିକ ପାହାଡ଼ ଉପରେ ଥିବା ବଗଡରେ ଚାଷ କରି ପରିବାର ପୋଷଣ କରି ଆସୁଥିଲେ। ରବିବାର ଅପରାହ୍ନ ୨ଟାରେ ଦେବେନ୍ଦ୍ରଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ପୁଅ ଓ ସ୍ତ୍ରୀ ଦେବେନ୍ଦ୍ରଙ୍କୁ ଘରେ ଛାଡ଼ି ବଗଡ଼କୁ ଯିବାକୁ ବାହାରିଥିଲେ। ମାତ୍ର ଦେବେନ୍ଦ୍ର ସ୍ତ୍ରୀ ଓ ପୁଅଙ୍କ ପଛେ ପଛେ ଯାଇଥିଲେ। ଏହି ସମୟରେ ସେ ପାହାଡ଼ ଉପରୁ ତଳକୁ ଖସି ପଡିଥିଲେ। ବଗଡରେ କାମ କରୁଥିବା ତାଙ୍କ ସ୍ତ୍ରୀ ଓ ପୁଅ ଦେବେନ୍ଦ୍ରଙ୍କ ଚିତ୍କାର ଶୁଣି ପାଖକୁ ଆସି ତାଙ୍କୁ ଗୁରୁତର ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଡାକି ଦେବେନ୍ଦ୍ରଙ୍କୁ ନେଇ ମୋହନା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦେବେନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଘଟଣା ସ୍ଥଳରେ ଅଡବା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

### ମଦ ଜବତ, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨୭।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଅବକାରୀ ଓଆଇସି ଅନିତା ପ୍ରଧାନ ଆଦିବାସୀ ବହୁଳ ଚଢେୟା ଗରଦ ଗ୍ରାମର ନଟବର ମଲ୍ଲିକଙ୍କୁ ରବିବାର କୋର୍ଟ ଚାଲାଣ କରିଛନ୍ତି। ଅବକାରୀ ଥାନା ମାମଲା ନଂ.୧୩୦/୨୪-୨୫ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ଶନିବାର ସନ୍ଧ୍ୟାରେ ଅବକାରୀ ଓଆଇସିଙ୍କ ନେତୃତ୍ୱରେ କର୍ମଚାରୀମାନେ ଚୋରା ମଦ ଧରପଗଡ ପାଇଁ ପାଟ୍ରୋଲିଂ କରୁଥିଲେ। ନଟବର ତାଙ୍କ ଗାଁ ରାସ୍ତାକଡରେ ଦେଶୀମଦ ବିକ୍ରି କରୁଥିବା ଖବରପାଇ ସେଠାରେ ଚଢାଉ କରି ତାଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୨୦ ଲିଟର ଦେଶୀମଦ ଜବତ ହୋଇଛି।

### ପ୍ରାକ୍ତନ କାଉନସିଲର ରଜନୀ କୁମାରୀଙ୍କ ପରଲୋକ

ବୁଗୁଡା,୨୭।୧୦(କାଳିଚରଣ ଦାଶ)

ବୁଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରାକ୍ତନ କାଉନସିଲର ରଜନୀ କୁମାରୀ ଦାସ(୭୭)ଙ୍କ ତାଙ୍କ ନବଗୁଞ୍ଜରସାହିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା ଶାରୀରିକ ଅସୁସ୍ଥ ହୋଇ ଶଯ୍ୟାଶାୟୀ ଥିଲେ। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ପୁଅ, ବୋହୂ, ଝିଅ, ନାତୁଣୀ, ନାତିମାନେ ଉପସ୍ଥିତ ଥିଲେ। ରଜନୀଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ସାହିବାସିନ୍ଦା ତାଙ୍କର ଅନ୍ତିମ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ସେ ୧୯୯୨ରୁ ୫ ବର୍ଷ ବୁଗୁଡା ଏନ୍ଏସିର କାଉନସିଲର ରହିଥିଲେ।

### ନୂତନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ପାତ୍ରପୁର,୨୭।୧୦(ଉମା ଚରଣ ନେପାକ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ପାତ୍ରପୁର ଶାଖା ପକ୍ଷରୁ ରବିବାର ପ୍ରାଥମିକ ଶିକ୍ଷକ ଭବନରେ ନୂତନ ଭାବେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କୁ ସ୍ୱାଗତ କରି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଭାପତି ଟୁଟୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉପଦେଷ୍ଟା ମଣ୍ଡଳୀର ମଧୁସୂଦନ ମହାନ୍ତି, ବି.ରାମ ରାଓ, ରାଜୀବ ଲୋଚନ ପ୍ରଧାନ, କେ.ମୋହନ ରାଓ, ବେଣୁ ଗୋପାଳ ପାଢ଼ୀ, ଗିରିଜା ଶଙ୍କର ନାୟକ, ଲୋକନାଥ ପ୍ରଧାନ, ପ୍ରଫୁଲ୍ଲ ବେହେରା, ସିନ୍ଧୁ ଭକ୍ତସିହ୍ନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ବରିଷ୍ଠ ଶ୍ରମିକ ନେତାଙ୍କ ପରଲୋକ

ଭଞ୍ଜନଗର,୨୭୧୦(ବାବୁଲା ପ୍ରଧାନ)

ବରିଷ୍ଠ ଶ୍ରମିକ ନେତା ହରିକୃଷ୍ଣ ସାହୁଙ୍କ ରବିବାର ପରଲୋକ ହୋଇଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ରହି ଚିକିତ୍ସିତ ହେଉଥିଲେ। ତାଙ୍କର ବିୟୋଗରେ ଭଞ୍ଜନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ସାହୁ ଭଞ୍ଜନଗର ଡାକ ବିଭାଗର କର୍ମଚାରୀ ଥିଲେ। ଏହି ସମୟରେ ସେ ଗ୍ରାମୀଣ ଡାକ କର୍ମଚାରୀ ସଂଘର ଜାତୀୟ ସ୍ତରର ବିଭିନ୍ନ ପଦପଦବୀରେ ବହୁ ବର୍ଷ ଧରି ରହିଥିଲେ। ଜଣେ ଜଣାଶୁଣା ଶ୍ରମିକ ନେତା ଭାବେ ଅଞ୍ଚଳରେ ସେ ପରିଚିତ ଥିଲେ। ତାଙ୍କ ଘର ଭଞ୍ଜନଗର ସହରତଳି ବାଉଁଶଲୁଣ୍ଠିରେ। ତେବେ କିଛି ମାସ ହେବ ସେ ଅସୁସ୍ଥ ହୋଇ ନୟାଗଡ଼ସ୍ଥିତ ଝିଅ ଘରେ ରହି ଚିକିତ୍ସିତ ହେଉଥିଲେ।

# ସରକାର ଦାବି ନ ଶୁଣିଲେ ସ୍ୱର ଉଠାଇବେ

### ଏସ୍‌ସି, ଏସ୍‌ଟି ସରକାରୀ କର୍ମଚାରୀ ସମନ୍ୱୟ ପରିଷଦ ସମ୍ମିଳନୀ

ଫୁଲବାଣୀ, ୨୭।୧୦ (ରାକେଶ କୁମାର ରାଉତ)



ସମ୍ମିଳନୀରେ ଯୋଗ ଦେଇଥିବା କର୍ମକର୍ତ୍ତା ଓ ସଦସ୍ୟମାନେ।

କନ୍ଧମାଳ ଜିଲା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଏସ୍‌ସି, ଏସ୍‌ଟି) ସରକାରୀ କର୍ମଚାରୀ ସମନ୍ୱୟ ପରିଷଦର ବାର୍ଷିକ ସମ୍ମିଳନୀ ଫୁଲବାଣୀସ୍ଥିତ ଗାନ୍ଧୀ ସ୍ମୃତିଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଚକ୍ରମଣି କହଁର, ସମ୍ମାନିତ ଅତିଥି ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ କୁମାର ମଲ୍ଲିକ, ଆଇନଜୀବୀ ଲମ୍ବୋଦର କହଁର ଓ ସତ୍ୟ ନାରାୟଣ ବେହେରା ଯୋଗ ଦେଇଥିଲେ. ଜିଲା ସଭାପତି ସୁଜନ ବେହେରା ଅଧ୍ୟକ୍ଷତା କରିଥିଲେ। ସମ୍ବିଧାନ ପ୍ରଣୀତ ଆଇନରେ ଅନୁସୂଚିତ ଜାତି ଓ ଜନଜାତି ସରକାରୀ କର୍ମଚାରୀମାନେ କିପରି ପଦୋନ୍ନତି ଓ ଅନ୍ୟାନ୍ୟ ସୁବିଧାରୁ ବଞ୍ଚିତ ହେଉଛନ୍ତି ସେନେଇ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ଆଗାମୀ ଦିନରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଭାପତି ବେହେରା, ସମ୍ପାଦକ କୈଳାସ କହଁର, ଉପଦେଷ୍ଟା ଗଣେଶ ନାୟକ ପ୍ରକାଶ କରଛନ୍ତି। ଯଦି ସରକାର ସଂଘ ଦାବି ପୂରଣ କରିବାରେ ଅବହେଳା କରନ୍ତି ତେବେ ଆଗାମୀ ଦିନରେ ରାଜ୍ୟରେ ଥିବା ସମସ୍ତ ଅନୁସୂଚିତ ଜାତି ଓ ଜନଜାତି ସରକାରୀ କର୍ମଚାରୀ ଏ ଦିଗରେ ସ୍ୱର ଉତ୍ତୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ସୁର ପ୍ରସାଦ ନାୟକ, ଶ୍ରୀକାନ୍ତ ବେହେରା ଓ ବିଦେଶୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତଦନ୍ତ ନିର୍ଦ୍ଦେଶ ଦେଲେ ରାଜ୍ୟ ମାନବାଧିକାର କମିଶନ

### ବରିଷ୍ଠ ନାଗରିକଙ୍କୁ ମେଡିକାଲ ଅଫିସରଙ୍କ ଦୁର୍ବ୍ୟବହାର ଘଟଣା

ବୁଗୁଡା,୨୭।୧୦(କାଳିଚରଣ ଦାଶ)

ବୁଗୁଡା ବଳଦେବ ସ୍ୱାମୀ ବରିଷ୍ଠ ନାଗରିକ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ଦାବି ନେଇ ମେଡିକାଲ ଅଫିସରଙ୍କ ପାଖକୁ ଯାଇଥିବା କର୍ମକର୍ତ୍ତାଙ୍କୁ ଜନୈକ ମେଡିକାଲ ଅଫିସର ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ନେଇ ଗତ ସେପ୍ଟେମ୍ବର ୨୫ରେ ଖବର ପ୍ରକାଶ ପାଇଥିଲା। ଖବରକୁ ନେଇ ସାମାଜିକ କର୍ମୀ ରଞ୍ଜିତ ପାତ୍ର ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଏକ ପିଟିସନ ଦାଖଲ କରିଥିଲେ। ଏହାକୁ ଗୁରୁତର ସହ ଗ୍ରହଣ କରି କମିଶନ ନଂ. ୨୮୮୮ରେ ଏକ ମାମଲା ରୁଜୁ କରି ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ବୁଗୁଡ଼ା ମେଡିକାଲରେ ଡାକ୍ତର ଅଭାବ ଲାଗି ରହିଥିବା ବେଳେ ଯେତେ ଜଣ ଡାକ୍ତର ଅଛନ୍ତି ସେମାନେ ମଧ୍ୟ ପାଳି କରି ମେଡିକାଲ ଆଉଟଡୋରରେ ରୋଗୀ ଦେଖୁଛନ୍ତି। ଫଳରେ ଜଣେ ଡାକ୍ତରଙ୍କ ନିକଟରେ ଚିକିତ୍ସା ପାଇଁ ପ୍ରତିଦିନ ଶତାଧିକ ରୋଗୀ ଦୀର୍ଘ ସମୟ ଧରି ଧାଡି ବାନ୍ଧି ଅପେକ୍ଷା କରୁଛନ୍ତି। ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଧାଡି ବ୍ୟବସ୍ଥା ନ ଥିବାରୁ ବୟୋଜ୍ୟେଷ୍ଠ ରୋଗୀମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ବାଧ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ବୁଗୁଡ଼ା ବରିଷ୍ଠ ନାଗରିକ ଟ୍ରଷ୍ଟ ଅଧ୍ୟକ୍ଷ ଗଙ୍ଗାଧର ବିଷୋୟୀ ଓ ସମ୍ପାଦକ ଟି. ସତ୍ୟନାରାୟଣ ପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ମେଡିକାଲ ଅଫିସରଙ୍କୁ ଭେଟି ଅଭିଯୋଗ ପତ୍ର ଦେବା ପାଇଁ ଗତ ସେପ୍ଟେମ୍ବର ୨୪ ତାରିଖରେ ଯାଇଥିଲେ। ତେବେ ମେଡିକାଲ ଅଫିସର ବରିଷ୍ଠ ନାଗରିକଙ୍କ ଅଭିଯୋଗ ଶୁଣିବା ପରିବର୍ତ୍ତେ ସେମାନଙ୍କୁ ରୁକ୍ଷ ବ୍ୟବହାର ପ୍ରଦର୍ଶନ କରି ଉକ୍ତ ଅଭିଯୋଗପତ୍ରକୁ ଫୋପାଡ଼ି ଦେଇଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଥିଲା।

# ‘ଦାନା’ ପରେ ଦାରିଙ୍ଗବାଡ଼ିରେ କୁହୁଡ଼ି ଆଚ୍ଛାଦିତ ଆକାଶ


କୁହୁଡି ଘୋଟି ଯାଇଥିବା ଦାରିଙ୍ଗିବାଡିର ଆକାଶ।

ଦାରିଙ୍ଗବାଡ଼ି,୨୭।୧୦ (ଅରୁଣ ସାହୁ)

### ସର୍ବନିମ୍ନ ତାପମାତ୍ରା ରହିଛି ୧୭. ୫ ଡିଗ୍ରୀ

ଦାରିଙ୍ଗବାଡ଼ିର ଜଳବାୟୁ ନିଆରା। ଶୀତ ଦିନ ଆସିଲେ ଦାରିଙ୍ଗବାଡିକୁ କେହି ଓଡିଶାର ଦାର୍ଜିଲିଂ କୁହନ୍ତି ତ’ ଆଉ କେହି ଓଡିଶାର କାଶ୍ମୀର ବୋଲି କହିଥାନ୍ତି। ଏଠି ଆମ ରାଜ୍ୟ କିମ୍ବା ପଡୋଶୀ ରାଜ୍ୟକୁ ବାତ୍ୟା, ପବନ ଆସିବାକ୍ଷଣି ଏଠାକାର ଜଳବାୟୁ ସମ୍ପୂର୍ଣ୍ଣ ବଦଳିଯାଏ। ଏବେ ଓଡିଶାକୁ ବାତ୍ୟା ‘ଦାନା’ ଆସିଥିଲେ ମଧ୍ୟ ଉକ୍ତ ଅଞ୍ଚଳରେ କୌଣସି କ୍ଷୟକ୍ଷତି ହୋଇନି। ବର୍ଷାର ପରିମାଣ ଅଧିକ ନ ଥିଲେ ମଧ୍ୟ ଝିପି ଝିପି ବର୍ଷା ଓ କୋହଲା ପାଗ ଲାଗି ରହିଥିଲା। ଏଥିଯୋଗୁ ଶୀତର ପ୍ରକୋପ ବୃଦ୍ଧି ପାଇବା ସହ କୁହୁଡି ଆଚ୍ଛାଦିତ ହୋଇଛି ଆକାଶ। ଫଳରେ ଶୀତର ପରିମାଣ ଦ୍ୱିଗୁଣିତ ହୋଇଛି ଦାରିଙ୍ଗିବାଡ଼ିରେ। ଦିନକୁ ଦିନ ତାପମାତ୍ରା ହ୍ରାସ ପାଉଛି। ରବିବାର ଏଠାରେ ସର୍ବନିମ୍ନ ତାପମାତ୍ରା ୧୭. ୫ ଡିଗ୍ରୀ ରହିଥିବା ଜଣାପଡ଼ିଛି।

### ପୋଲିସ,ଅବକାରୀ ବିଭାଗର ମିଳିତ ଚଢାଉ

ବାଲିଗୁଡ଼ା,୨୭।୧୦(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଞ୍ଚଳରେ ବେଆଇନ୍ ଦେଶୀ ମଦ ରନ୍ଧା ଓ ବିକ୍ରି ବୃଦ୍ଧି ପାଉଥିବା ଅଭିଯୋଗକୁ ଭିତ୍ତି କରି ରବିବାର ପୋଲିସ ଓ ଅବକାରୀ ବିଭାଗ ମିଳିତ ଚଢ଼ାଉ କରିଛି। ଏହି ସମୟରେ ୩ଶହ କେଜିରୁ ଉର୍ଦ୍ଧ୍ୱ ମହୁଲ ପୋଚ ନଷ୍ଟ କରାଯାଇଛି। ୪୦ ଲିଟରରୁ ଉର୍ଦ୍ଧ୍ୱ ମହୁଲି ମଦ ଜବତ ହୋଇଛି। ସାଙ୍କୁସବାଲି, ପାଟାମାହା ଓ ଡଲକିପଡି ଅଞ୍ଚଳରେ ଏହି ଚଢାଉ କରାଯାଇଥିଲା। ଏ ନେଇ ଭିନ୍ନ ଭିନ୍ନ ୪ଟି ମାମଲା ରୁଜୁ କରି ବାଲିଗୁଡା ପୋଲିସ ଅଧିକ ତଦନ୍ତ ଚଳାଇଛି।

### ଜୁଆଆଡ୍ଡାରେ ଚଢ଼ାଉ, ୧୩ ଗିରଫ

ଦାରିଙ୍ଗବାଡ଼ି,୨୭।୧୦ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ପୋଲିସ ପକ୍ଷରୁ ଏକ ଜୁଆଆଡ୍ଡା ଉପରେ ଚଢ଼ାଉ କରାଯାଇଛି। ଏଥିରେ ସମ୍ପୃକ୍ତ ୧୩ ଜଣ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ୫୬ ହଜାର ୧୯୦ ଟଙ୍କା ଓ ୧୨ଟି ବାଇକ୍ ଜବତ ହୋଇଥିବା ଦାରିଙ୍ଗବାଡି ଆଇଆଇସି ରମେଶ ପ୍ରଧାନ କହିଛନ୍ତି। ଥାନା ନିକଟସ୍ଥ କିଲାବାଡି ଗାଁ ନିକଟସ୍ଥ ଜଙ୍ଗଲରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଲୋକ ଜୁଆ ଖେଳୁଥିବା ସୂଚନା ପାଇ ପୋଲିସ ଶନିବାର ବିଳମ୍ବିତ ରାତିରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି କେତେ ଜଣ ଜୁଆ ଖେଳାଳି ଦୌଡ଼ି ଫେରାର ହୋଇଯାଇଥିବା ବେଳେ ୧୩ ଜଣକୁ ପୋଲିସ କାବୁ କରିଥିଲା।

### ୩ ପଞ୍ଚାୟତରେ ଭାଜପା ସଦସ୍ୟତା ସଂଗ୍ରହ ଅଭିଯାନ

ବୁଗୁଡା,୨୭।୧୦(କାଳିଚରଣ ଦାଶ)

ବୁଗୁଡା ବ୍ଲକ ଅନ୍ତର୍ଗତ କରଚୁଲି, ଅନ୍ତରପଡା ଓ ପାଙ୍ଗିଡି ପଞ୍ଚାୟତରେ ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ତିନି ପଞ୍ଚାୟତର ୫୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଭାଜପାର ପ୍ରାଥମିକ ସଦସ୍ୟତା ଗ୍ରହଣ କରିଥିଲେ। ଉକ୍ତ ଅଭିଯାନର ସଂଯୋଜକ ବିନାୟକ ତ୍ରିପାଠୀ ମୁଖ୍ୟଅତିଥି ରୂପେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର, ଉନ୍ନତିମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କରଚୁଲି ମଣ୍ଡଳ ଭାଜପା ସଭାପତିଦିଲ୍ଲୀପ ପ୍ରଧାନ, ପୂର୍ବତନ ସରପଞ୍ଚ ଧୋବା ପ୍ରଧାନ, ସମିତି ସଭ୍ୟ ଶ୍ରୀହର୍ଷ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଚାଷୀଙ୍କୁ କୃଷି ଉପକରଣ ପ୍ରଦାନ


ବିଧାୟକ ଜଣେ ଚାଷୀଙ୍କୁ ଉପକରଣ ପ୍ରଦାନ କରୁଛନ୍ତି।

ଭଞ୍ଜନଗର,୨୭।୧୦(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ ବାରୁଡ଼ା ଅଞ୍ଚଳର ଚାଷୀଙ୍କୁ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ରବିବାର କୃଷି ଉପକରଣ ପ୍ରଦାନ କରାଯାଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା ପ୍ରଦାନ କରି କହିଥିଲେ ଯେ, ରାଜ୍ୟ ସରକାର କୃଷି କ୍ଷେତ୍ରର ବିକାଶ ପାଇଁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। କୃଷକମାନଙ୍କ ହିତକୁ ଦେଖି ବିଭିନ୍ନ ଯୋଜନା କରାଯାଉଛି । ଅଧିକରୁ ଅଧିକ ଜମିକୁ କିଭଳି ଜଳସେଚନ ହୋଇପାରିବ ସେଥିପାଇଁ ପଦକ୍ଷେପ ନିଆଯାଉଛି। ରାଇପଲ୍ଲୀ ଠାରେ ବଡନଦୀ ଉପରେ ଏକ ଆନିକଟ କରାଯିବ। ବାରୁଡ଼ା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଚେକଡ୍ୟାମ କରାଯିବ। ଏଥିସହ ବାରୁଡ଼ା ଭାୟା ବାଲିଆପଟା ବୁଦୁଲି ରାସ୍ତାରେ ମୁଖ୍ୟମନ୍ତ୍ରୀ ବସ ସେବା ପାଇଁ ଅଞ୍ଚଳବାସୀ ଯେଉଁ ଦାବି କରିଛନ୍ତି ତାହା ଆଗାମୀ ଦିନରେ କିଭଳି କାର୍ଯ୍ୟକାରୀ ହେବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ବିଧାୟକ କହିଥିଲେ। ସଭାକୁ କାଳୁ ଚରଣ ସ୍ୱାଇଁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ନୀଳମାଧବ ପାତ୍ର, ତିଳିସିଙ୍ଗି ସମିତିସଭ୍ୟ ସୁବାସ ଚନ୍ଦ୍ର ପ୍ରଧାନ, ଗୋଳାପଡା ସମିତିସଭ୍ୟ ପୀତବାସ ପ୍ରଧାନ, ଜଗନ୍ନାଥପ୍ରସାଦ ବ୍ଲକ ଏମ୍‌ପି ପ୍ରତିନିଧି ମହେନ୍ଦ୍ର ପଣ୍ଡା, ଯୁବ ନେତା ଆଲୋକ ପତି ପ୍ରମୁଖ ଉପସ୍ଥିତ ଥିଲେ।

# ଘୁମୁସର ଗବେଷଣା ପ୍ରତିଷ୍ଠାନ ପରିଚାଳନା ସମିତି ବୈଠକ

ଭଞ୍ଜନଗର,୨୭।୧୦(ବାବୁଲା ପ୍ରଧାନ)

ଘୁମୁସର ଇତିହାସ ଉପରେ ଅଧିକରୁ ଅଧିକ ଗବେଷଣା ସହ ଘୁମୁସର ଇତିହାସର ପ୍ରଚାର ପ୍ରସାର ପାଇଁ ଗଢି ଉଠିଥିବା ‘ଘୁମସର ଗବେଷଣା ପ୍ରତିଷ୍ଠାନ’ର ପରିଚାଳନା ସମିତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ସନ୍ତୋଷ କୁମାର ଆପଟ୍ଟ ଅଧ୍ୟକ୍ଷତା କରିଥିଲେ। ଆବାହକ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ଶ୍ୟାମା ପ୍ରସାଦ ମିଶ୍ର, କାର୍ଯ୍ୟକାରୀ ସଭାପତି ଡ.ଶିରିଷ କୁମାର ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ତପନ କୁମାର ମିଶ୍ର, କୋଷାଧ୍ୟକ୍ଷ ଦାମୋଦର ଷଡ଼ଙ୍ଗୀ, କ୍ୟାପଟେନ ଡ଼.ରବୀନ୍ଦ୍ର କୁମାର ମିଶ୍ର, ନେତାଜୀ ବିଷୋୟୀ, ଅଧ୍ୟାପକ ଅଜୟ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅନୁଷ୍ଠାନର ଅନଲାଇନ ପଞ୍ଜୀକରଣ ପ୍ରକ୍ରିୟାକୁ ସଫଳତାର ସହ କାର୍ଯ୍ୟକାରୀ କରିଥିବାରୁ ସାଧାରଣ ସମ୍ପାଦକ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଆସନ୍ତା ଫେବୃଆରୀ ୩ ତାରିଖରେ ଅନୁଷ୍ଠାନର ପଞ୍ଚମ ବାର୍ଷିକ ସମ୍ମିଳନୀ ଭଞ୍ଜନଗରରେ ଆୟୋଜନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଅବସରପ୍ରାପ୍ତ ପ୍ରଫେସର ଡ.ବିଷ୍ଣୁ ଚରଣ ଚୌଧୁରୀଙ୍କୁ ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ବି କେ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ବୁଗୁଡ଼ାର ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ଘୁମୁସର ଗବେଷଣା ପ୍ରତିଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ ଘୁମୁସର ଇତିହାସର ସୁରକ୍ଷା ପାଇଁ ପଦେକ୍ଷପ ନେଉଥିବା ଯୋଗୁ ସମ୍ବର୍ଦ୍ଧନା ଦିଆଯାଇଥିଲା।


ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଭାଜପାର ସକ୍ରିୟ ସଦସ୍ୟ ସମୀକ୍ଷା ବୈଠକ


ବୈଠକରେ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

କ. ନୂଆଗାଁ,୨୭।୧୦ (କାଳି ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଗୁଞ୍ଜିବାଡି ପଞ୍ଚାୟତର ଶକ୍ତି କେନ୍ଦ୍ରଠାରେ ଭାଜପାର ସକ୍ରିୟ ସଦସ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ପ୍ରଥମେ ଗୁଞ୍ଜିବାଡି ଦଣ୍ଡକାଳି ମନ୍ଦିର ଅଧିକାରୀ ଅଶୋକପାତ୍ର ଙ୍କ ମୃତ୍ୟୁରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ମଣ୍ଡଳ ସଭାପତି ଲାମ୍ବରା ପ୍ରଧାନ ସଭାପତିତ୍ୱ କରିଥିଲେ । ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତା ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମ ଚାରଣ ଦାଶ, ଏମ୍‌ପି ପ୍ରତିନିଧି ପଣ୍ଡିତ କୁମାର ବିଶି ମାଝୀ, ଜିଲା ସଭାପତି ଜଗନ୍ନାଥ ସାହୁ, ନିଗମାନନ୍ଦ ପୂଜାରୀ, ଉଭବ ଦିଗଲ, ଏମ୍ ପ୍ରତିନିଧି ଆଦିକନ୍ଦ ପଟ୍ଟନାୟକ, ଜିଲା ଉପସଭାପତି ଗୋପୀନାଥ ଦଳବେହେରା, କାର୍ତ୍ତିକ ପ୍ରଧାନ, ଏସ୍‌ଟି ମୋର୍ଚ୍ଚା ସଭାପତି ବିଶି କେଶନ ପ୍ରଧାନ, ମଣ୍ଡଳ ଉପସଭାପତି ଜୟକୃଷ୍ଣ ପୂଜାରୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ସାଇନପଡା ପଞ୍ଚାୟତର ବକୋଲା କହ୍ନର ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିଲେ । ସେହିପରି ବାଲିଗଡା ପଞ୍ଚାୟତର ଆବେଲା ଦିଗାଲ, ଲାଜରା ଦିଗାଲ, କରୁଣା କର ନାୟକ ମଧ୍ୟ ଭାଜପାରେ ଯୋଗ ଦେଇଥିଲେ ।

# ଜଳସେଚନ ମିଶନ ଗଠନ ପାଇଁ ମହାସଭାର ପ୍ରସ୍ତାବ

ଛତ୍ରପୁର, ୨୭।୧୦(ଦିଲ୍ଲୀପ ସାମଲ)

ଗଞ୍ଜାମ ଜିଲାର ଚାଷୀଙ୍କ ମୁଖ୍ୟ ସମସ୍ୟା ସମାଧାନ କରିବାକୁ ଜିଲାର ଅଗ୍ରଣୀ ଚାଷୀ ସଙ୍ଗଠନ ଋଷିକୁଲ୍ୟା ରୟତ ମହାସଭା ଦାବି କରିଛି। ଏନେଇ ମହାସଭା ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାଦନମୁକ୍ତ ଗଞ୍ଜାମ କରିବା ପାଇଁ ହେଲେ ‘ଦୋ’ ଫସଲି ଚାଷ କରାଯିବା ଆବଶ୍ୟକ। ଏଥିଲାଗି ସବୁ ଜମିକୁ ଜଳସେଚନର ସୁବିଧା ନିମନ୍ତେ ‘ଜଳସେଚନ ମିଶନ ଗଠନ କରିବାକୁ ମହାସଭା ଦାବିପତ୍ରରେ ପ୍ରସ୍ତାବ ଦେଇଛି। କୃଷିଜାତ ପଦାର୍ଥ ଏମଏସ୍‌ପି ଘୋଷଣା, ପ୍ରତି ବ୍ଲକରେ ଗୋଦାମ ଗୃହ, ଶୀତଳ ଭଣ୍ଡାର ନିର୍ମାଣ, ଅଧିକାଂଶ ବ୍ଲକରେ ମଣ୍ଡିରେ କୁଇଣ୍ଟାଲ ପିଛା ୫ରୁ ୭ କେଜି ପର୍ଯ୍ୟନ୍ତ ଧାନ କାଟି ନେଇ ମିଲର ଚଳାଇଥିବା କଟନିଛଟନି ବନ୍ଦ କରିବା, ଚାଷୀଙ୍କୁ ଅଖା ବାବଦ ପ୍ରାପ୍ୟ ଦେବା, ପଞ୍ଜୀକୃତ ସମସ୍ତ ଚାଷୀଙ୍କ ଧାନ କିଣିବା ପାଇଁ ଲକ୍ଷ୍ୟ ରଖିବା, ଚାଷୀଙ୍କୁ ଅଖା ବାବଦ ଟଙ୍କା ଦେବା, ବାରହା, ମାଙ୍କଡ଼ ଆଦି ବନ୍ୟଜନ୍ତୁଙ୍କ ପ୍ରାଦୁର୍ଭାବ ଯୋଗୁ ଫସଲ ନଷ୍ଟ ହେଉଛି। ଚାଷୀ ରବି ଫସଲ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଚାଷୀଙ୍କ ଫସଲର ସୁରକ୍ଷା କରିବା ନିମନ୍ତେ ମିଳୁଥିବା ମେଶିନ ରିହାତିରେ ଯୋଗାଇ ଦେବା, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ରିହାତିରେ ସୋଲାର ବୋରୱେଲ ଯୋଗାଇ ଦେବା,ଳସେଚନ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର, ଜୈବିକ ପଦ୍ଧତିରେ ଚାଷ କରୁଥିବା ଚାଷୀଙ୍କୁ ମାସକୁ ୩୦୦୦ ଟଙ୍କା ଭତ୍ତା ଦେବାପାଇଁ ଘୋଷଣା କରିବା ଆଦି ଦାବି ମହାସଭା ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ବୋଲି ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ କହିଛନ୍ତି।

# ନଦୀତୁଠ ସଫା କଲେ ରାସ୍ତାକଡ଼ ବ୍ୟବସାୟୀ

### ଶୁଣିଲାନି ପ୍ରଶାସନ

ପାରଳାଖେମୁଣ୍ଡି,୨୭।୧୦(ଗିରିଧାରୀ ପରିଛା)

ଏବେ ଚାଲିଛି ଧର୍ମର ମାସ କାର୍ତ୍ତିକ। ଏହି ମାସରେ ଏବେ ବି ବଞ୍ଚିଛି ‘ଆକାଶଦୀପ’ ପରମ୍ପରା। ନିଷ୍ଠାର ସହ ମହିଳାମାନେ କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି । ମାସ ସାରା ଦିନ ତମାମ ପାରଳାଖେମୁଣ୍ଡି ପୌରାଞ୍ଚଳ ସମେତ ନିକଟବର୍ତ୍ତୀ ଗ୍ରାମାଞ୍ଚଳର ବିଭିନ୍ନ ଦେବ ଦେବୀଙ୍କ ପୀଠରେ ଲାଗିରହୁଛି ଶ୍ରଦ୍ଧାଳୁଙ୍କ ଭିଡ। କାର୍ତ୍ତିକ ମାସରେ ବହୁ ସଂଖ୍ୟାରେ ହବିଶାଳି ମା’ମାନେ ପ୍ରତ୍ୟହ ନଦୀ ତୁଠରେ ପ୍ରାତଃ ସ୍ନାନ ସାରି ମନ୍ଦିର ଯାଇଥାନ୍ତି। ମାତ୍ର ଏଠାରେ ଥିବା ମହେନ୍ଦ୍ର ତନୟା ନଦୀର ଗାଧୁଆ ତୁଠ ଅଳିଆ ଆବର୍ଜନାରେ ଭରପୂର ହୋଇ ରହିଛି। ଏହାକୁ ସଫା କରିବାକୁ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ପାରଳାଖେମୁଣ୍ଡି ବାସିନ୍ଦା ରଞ୍ଜିତ ମହାପାତ୍ର ଲିଖିତ ରୂପେ ଅଭିଯୋଗ କରିଥିଲେ। ଜିଲାପାଳ ବିଜୟ କୁମାର ଦାସ ପୌର ପରିଷଦକୁ ପଦକ୍ଷେପ ଗ୍ରହଣ କରିବାକୁ ସଙ୍ଗେ ସଙ୍ଗେ ନିର୍ଦ୍ଦେଶ ଦେଇଥିଲେ। ପୌର ପରିଷଦ ମଧ୍ୟ ଏହି କାମ ସାତ ଦିନ ମଧ୍ୟରେ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ମାତ୍ର ଆଜିକୁ ପ୍ରାୟ ଏକ ମାସ ହୋଇଯାଇଥିଲେ ସୁଦ୍ଧା ନଦୀ ଘାଟର ଗାଧୁଆ ତୁଠର ଅଳିଆ ଆବର୍ଜନା ସଫା ହୋଇନାହିଁ। ଶେଷରେ ବାଧହୋଇ ଜୁସ୍ ବ୍ୟବସାୟୀ ରଞ୍ଜିତ ନିଜ ଖର୍ଚ୍ଚରେ ନଦୀ ତୁଠ ସଫା କରିଛନ୍ତି। ତାଙ୍କର ଏହି ମହତ କାର୍ଯ୍ୟକୁ ସହରର ବୁଦ୍ଧିଜୀବୀ ଓ ଜନସାଧାରଣ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ ରଞ୍ଜିତ୍ ପାରଳାଖେମୁଣ୍ଡି ସହରରେ ରାସ୍ତା କଡରେ ଉଠା ଦୋକନ ପକାଇ ଜୁସ୍ ବ୍ୟବସାୟ କରନ୍ତି।


ନିଜ ତତ୍ତ୍ୱାବଧାନରେ ନଦୀ ଗାଧୁଆ ତୁଠ ସଫା କରୁଛନ୍ତି ରଞ୍ଜିତ୍।

